# NATIONAL NEWS BULLETIN (ODIA)

**5 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପଞ୍ଚରାଷ୍ଟ୍ରୀୟ ଗସ୍ତର ତୃତୀୟ ପର୍ଯ୍ୟାୟରେ ଆର୍ଜେଣ୍ଟିନାରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ

- ସମବାୟ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ଆନ୍ତର୍ଜାତିକ ସମବାୟ ଦିବସ

–ଗୁଜରାଟର ଆନନ୍ଦଠାରେ ଦେଶର ପ୍ରଥମ ସମବାୟ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ କଲେ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ

- ଶ୍ରୀକ୍ଷେତ୍ର ପୁରୀରେ ଆଜି ଅନୁଷ୍ଠିତ ହେଉଛି ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା

- ଆମେରିକାର ଟେକ୍ସାସ୍‌ରେ ପ୍ରବଳ ବନ୍ୟାରେ ୨୪ ଜଣଙ୍କର ମୃତ୍ୟୁ

ଏବଂ

- ଏଜ୍‌ବାଷ୍ଟନ୍ ଟେଷ୍ଟର ଚତୁର୍ଥ ଦିନରେ ଆଜି ଭାରତ ତା'ର ଦ୍ୱିତୀୟ ଇନିଂସରେ ୧ ଓ୍ୱିକେଟ୍‌ରେ ୬୪ ରନ୍‌ରୁ ଆରମ୍ଭ କରିବ ବ୍ୟାଟିଂ

## ପିଏମ୍–ଆର୍ଜେଣ୍ଟିନା ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପଞ୍ଚରାଷ୍ଟ୍ରୀୟ ଗସ୍ତର ତୃତୀୟ ପର୍ଯ୍ୟାୟରେ ଆଜି ସକାଳେ ଆର୍ଜେଣ୍ଟିନାର ରାଜଧାନୀ ବୁଏନସ୍ ଆଇରସ୍‌ଠାରେ ପହଞ୍ଚିଛନ୍ତି । ତ୍ରିନିଦାଦ ଓ ଟବାଗୋ ଗସ୍ତ ସଫଳତାର ସହ

ଶେଷ କରି ଶ୍ରୀ ମୋଦୀ ଆର୍ଜେଣ୍ଟିନା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ଦକ୍ଷିଣ ବିଶ୍ୱ ସହିତ ଭାରତକୁ ସୁଦୃଢ଼ କରିବାକୁ ପ୍ରଧାନମନ୍ତ୍ରୀଙ୍କର ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ଆର୍ଜେଣ୍ଟିନାରେ ପହଞ୍ଚିବା ପରେ ଭାରତୀୟ ସଂପ୍ରଦାୟ ପକ୍ଷରୁ ଏକ ବିଶେଷ ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ ସହ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି ।

ଶ୍ରୀ ମୋଦୀ ଆର୍ଜେଣ୍ଟିନାର ସ୍ୱାଧୀନତା ସଂଗ୍ରାମୀ ତଥା ମହାନ ଜନନାୟକ ଜେନେରାଲ୍ ଜୋସ୍ ଡି ସାନ୍ ମାର୍ଟିନ୍‌ଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ପ୍ରଧାନମନ୍ତ୍ରୀଙ୍କୁ ସେଠାରେ ଆନୁଷ୍ଠାନିକ ସ୍ୱାଗତ ସମ୍ବର୍ଦ୍ଧନା ପରେ ଦ୍ୱିପାକ୍ଷିକ ଓ ରଣନୈତିକ ସହଭାଗିତାକୁ ମଜବୁତ କରିବା ଲକ୍ଷ୍ୟ ନେଇ ପ୍ରତିନିଧିମଣ୍ଡଳ ସ୍ତରୀୟ ଆଲୋଚନା କରିବେ । ବିଭିନ୍ନ କ୍ଷେତ୍ରରେ ସହଯୋଗର ନୂତନ ମାର୍ଗ ଉନ୍ମୋଚନ କରିବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ଆଲୋଚନା ବୈଠକରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ପ୍ରମୁଖ କ୍ଷେତ୍ରଗୁଡ଼ିକ ମଧ୍ୟରେ ବାଣିଜ୍ୟ ଓ ନିବେଶ, ସ୍ୱାସ୍ଥ୍ୟ, ଔଷଧ, ପ୍ରତିରକ୍ଷା, ସୁରକ୍ଷା, ଭିତ୍ତିଭୂମି ବିକାଶ, କୃଷି ଓ ଖାଦ୍ୟ ସୁରକ୍ଷା, ଆଇସିଟି ଏବଂ ଡିଜିଟାଲ ନବସୃଜନ, ବିପର୍ଯ୍ୟୟ ଓ ପରିଚାଳନା, ଶିକ୍ଷା ଏବଂ ଉଭୟ ଦେଶର ଲୋକଙ୍କ ମଧ୍ୟ ସୁସଂପର୍କ ସ୍ଥାପନ କରିବା ନେଇ ଆର୍ଜେଣ୍ଟିନାର ନେତୃବୃନ୍ଦଙ୍କ ସହ ପ୍ରଧାନମନ୍ତ୍ରୀ ଆଲୋଚନା କରିବେ ।

ଆର୍ଜେଣ୍ଟିନାର ରାଷ୍ଟ୍ରପତି ଜାଭିୟର୍ ମାଇଲିଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ପ୍ରଧାନମନ୍ତ୍ରୀ ଆଲୋଚନା କରିବେ । ଗତବର୍ଷ ନଭେମ୍ବର ମାସରେ ବ୍ରାଜିଲର ରିଓ ଡି ଜେନେରିଓଠାରେ ଅନୁଷ୍ଠିତ ଜି-୨୦ ଶିଖର

ସମ୍ମିଳନୀରେ ଯୋଗଦେବା ଅବସରରେ ପ୍ରଧାନମନ୍ତ୍ରୀ ଆର୍ଜେଣ୍ଟିନା ରାଷ୍ଟ୍ରପତିଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ । ୨୦୧୮ ମସିହାରେ ଜି-୨୦ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ଆର୍ଜେଣ୍ଟିନା ଗସ୍ତ କରିଥିଲେ । ତେବେ ୫୭ ବର୍ଷ ମଧ୍ୟରେ ଭାରତର ପ୍ରଧାନମନ୍ତ୍ରୀ ଭାବେ ଆର୍ଜେଣ୍ଟିନାକୁ ଶ୍ରୀ ମୋଦୀଙ୍କର ଏହା ହେଉଛି ପ୍ରଥମ ଦ୍ୱିପାକ୍ଷିକ ଗସ୍ତ ।

ଆର୍ଜେଣ୍ଟିନା ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବ୍ରାଜିଲ ଗସ୍ତରେ ଯିବେ । ସେଠାରେ ବ୍ରିକ୍ସ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

---

## ସମବାୟ ଦିବସ

ସମବାୟ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟ ନେଇ ମିଳିତ ଜାତିସଂଘ ଚଳିତବର୍ଷକୁ ଆନ୍ତର୍ଜାତିକ ସମବାୟ ବର୍ଷ ଭାବେ ଘୋଷଣା କରିଛି । ପ୍ରତିବର୍ଷ ଜୁଲାଇ ମାସ ପ୍ରଥମ ଶନିବାର ଦିନ ଆନ୍ତର୍ଜାତିକ ସମବାୟ ଦିବସ ପାଳନ କରାଯାଏ । ଚଳିତବର୍ଷର ବିଷୟବସ୍ତୁ ରହିଛି **ସମବାୟ ଏକ ଉନ୍ନତ ବିଶ୍ୱ ପାଇଁ ଅନ୍ତର୍ଭୁକ୍ତିମୂଳକ ଏବଂ ନିରନ୍ତର ସମାଧାନ ନିର୍ମାଣ ।** ସମବାୟ କ୍ଷେତ୍ରର ସ୍ଥାୟୀ ବିକାଶକୁ ଏହା ପ୍ରତିଫଳିତ କରୁଛି ।

ଏହି ଅବସରରେ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଆଜି ଗୁଜରାଟର ଆନନ୍ଦଠାରେ ଦେଶର ପ୍ରଥମ ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ କରିଛନ୍ତି । ସମାବେଶକୁ ସମ୍ବୋଧନ କରି ଶ୍ରୀ ଶାହା କହିଛନ୍ତି, ଗତ ୪ ବର୍ଷ ମଧ୍ୟରେ ସମବାୟ ମନ୍ତ୍ରଣାଳୟ ୬୦ଟି

ନୂତନ ପଦକ୍ଷେପ ଆରମ୍ଭ କରିଛି । ଦରିଦ୍ର ତଥା ଗ୍ରାମାଞ୍ଚଳ ଲୋକଙ୍କ ଜୀବନକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟ ନେଇ ସମବାୟ ମନ୍ତ୍ରଣାଳୟ ପ୍ରତିଷ୍ଠା କରାଯାଇଥିଲା : **V/O**

ଶ୍ରୀ ଶାହା କହିଛନ୍ତି ପ୍ରାୟ ୪୦ ଲକ୍ଷ ଶ୍ରମିକ ସମବାୟ ଆନ୍ଦୋଳନରେ ସଂଶ୍ଳିଷ୍ଟ ଅଛନ୍ତି । ସମବାୟ କ୍ଷେତ୍ରରେ ନୀତି ନିର୍ଦ୍ଧାରଣ, ତଥ୍ୟ ବିଶ୍ଳେଷଣ, ରଣନୀତି ଏବଂ ଗବେଷଣା କ୍ଷେତ୍ରକୁ ଏହି ବିଶ୍ୱବିଦ୍ୟାଳୟ ଅଧିକ ସହଯୋଗ ପ୍ରଦାନ କରିବ ବୋଲି ଶ୍ରୀ ଶାହା କହିଛନ୍ତି : **V/O**

---

## ବାହୁଡା ଯାତ୍ରା

ଶ୍ରୀକ୍ଷେତ୍ର ପୁରୀରେ ଆଷାଢ଼ ମାସ ଶୁକ୍ଳ ଦଶମୀ ତିଥିରେ ଆଜି ମହାପ୍ରଭୁଙ୍କ ପବିତ୍ର ବାହୁଡାଯାତ୍ରା  ଭକ୍ତି ଭାବପୂର୍ଣ୍ଣ ଓ ଉତ୍ସାହ ପରିବେଶ ମଧ୍ୟରେ ଅନୁଷ୍ଠିତ ହେଉଛି। ନବଦିନାତ୍ମକ ଯାତ୍ରା ଶେଷ କରି ଶ୍ରୀଜୀଉ ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡିବା ପର୍ଯାୟ ଆରମ୍ଭ ହୋଇଛି। ସୁରୁଖୁରୁରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ପ୍ରଭୁ ଜଗନ୍ନାଥଙ୍କ ବାହୁଡା ପହଣ୍ଡି ବିଜେ ହୋଇଛି। ପ୍ରଭୁ ବଳଭଦ୍ର ତାଳଧ୍ୱଜ ରଥରେ, ଦେବୀ ସୁଭଦ୍ରା ଦର୍ପଦଳନ ଏବଂ ମହାପ୍ରଭୁ ଜଗନ୍ନାଥ ନନ୍ଦିଘୋଷ ରଥରେ ବିରାଜମାନ କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ଶ୍ରୀଜୀଉମାନଙ୍କ ମସ୍ତକରେ ସୋଲ ଓ ଫୁଲରେ ନିର୍ମିତ ଆକର୍ଷଣୀୟ ଟାହିଆ ଲଗାଯାଇଛି।

ଅପରାହ୍ଣ ପ୍ରାୟ ୪ଟାରେ ରଥଟଣା କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡିଛି।

---

# କେରଳ-ନିପା ଭାଇରସ୍

କେରଳରେ ନିପା ଭାଇରସ୍ ସଂକ୍ରମଣ ସଂକ୍ରାନ୍ତ ଦୁଇଟି ମାମଲା ରିପୋର୍ଟ ହୋଇଥିବା ଜଣାପଡ଼ିଛି । କୋଝିକୋଡେରେ ଜଣେ ୧୮ ବର୍ଷୀୟ ବାଳିକାର

ଆକ୍ୟୁଟ୍ ଏନ୍‌ସେଫାଲାଇଟ୍‌ସ ସିଣ୍ଡ୍ରୋମ୍‌ରେ ମୃତ୍ୟୁ ହୋଇଥିବା ବେଳେ ମାଲାପୁରମ୍‌ରେ ଜଣେ ୩୮ ବର୍ଷୀୟ ମହିଳା ଚିକିତ୍ସାଧୀନ ଅଛନ୍ତି । ନିପା ଭାଇରସ୍ ସଂକ୍ରମଣ ନେଇ ନିଶ୍ଚିତ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋଝିକୋଡେ, ମାଲାପୁରମ୍ ଏବଂ  ପାଲକ୍କଡ ଜିଲ୍ଲାରେ ସତର୍କତା ଅବଲମ୍ବନ କରାଯାଇଛି । ସନ୍ଦିଗ୍ଧଙ୍କୁ ସଙ୍ଗରୋଧରେ ରଖାଯିବା ସହ ଚିହ୍ନଟ ଏବଂ ନମୁନା ପରୀକ୍ଷଣକୁ ଅଧିକ ତ୍ୱରାନ୍ୱିତ କରାଯାଇଛି । ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ କହିଛନ୍ତି ନିପା ଭାଇରସ୍ ସଂକ୍ରମଣ ମାର୍ଗଦର୍ଶିକା ପୂର୍ବରୁ ରାଜ୍ୟରେ କାର୍ଯ୍ୟକାରୀ କରାଯାଇ ସାରିଛି । ଜିଲ୍ଲାସ୍ତରୀୟ ସଙ୍ଗରୋଧ ଅଞ୍ଚଳ ପ୍ରତିଷ୍ଠା କରାଯିବା ସହ ଲୋକଙ୍କୁ ସହାୟତା ପ୍ରଦାନ କରିବା ନିମନ୍ତେ ହେଲ୍‌ପଲାଇନ୍ ନମ୍ବର ଜାରି ହୋଇଥିବା ସେ ସୂଚନା ଦେଇଛନ୍ତି । ପ୍ରଭାବିତ ଅଞ୍ଚଳରେ ଅସ୍ୱାଭାବିକ ମୃତ୍ୟୁର ତଦନ୍ତ ଜାରି ରହିଥିବା ନେଇ ସେ କହିଛନ୍ତି ।

## ପିଏମ୍-ୟୁପି ଏକ୍ସଗ୍ରାସିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରପ୍ରଦେଶର ସମ୍ଭାଲରେ ଏକ ଦୁର୍ଘଟଣାରେ ପ୍ରାଣହାନୀ ଘଟଣାକୁ ନେଇ ଶୋକ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ପ୍ରତ୍ୟେକ ମୃତକଙ୍କ ନିକଟତମ ପରିବାର ଲୋକଙ୍କୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ।

ଗଣମାଧ୍ୟମ ତଥ୍ୟ ଅନୁଯାୟୀ ସମ୍ଭାଲ ଜିଲ୍ଲାର ମେରଠ-ବାଦୌନ ରାଜପଥରେ ଗତକାଲି ଏକ ସଡ଼କ ଦୁର୍ଘଟଣା ଘଟିଥିଲା, ଯେତେବେଳେ ଏକ ବିବାହ ପାର୍ଟିର ଦଶଜଣ ଲୋକଙ୍କୁ ନେଇ ଯାଉଥିବା ଏକ କାର୍ ଏକ କଲେଜର କାନ୍ଥରେ ଧକ୍କା ଦେଇଥିଲା । ଏହି ଦୁର୍ଘଟଣାରେ ବର ସମେତ ୫ ଜଣଙ୍କର ମୃତ୍ୟୁ ହୋଇଥିଲା ।

## ୟୁଏସ୍-ଫ୍ଲଡ

ଆମେରିକାର ଟେକ୍ସାସ୍‌ରେ ପ୍ରବଳ ବନ୍ୟା ଜନିତ ପରିସ୍ଥିତି ନେଇ ୨୪ ଜଣଙ୍କର ମୃତ୍ୟୁ ହୋଇଛି । ବହୁଲୋକ ଏବେ ମଧ୍ୟ ନିଖୋଜ ଥିବା ଜଣାପଡ଼ିଛି । ଟେକ୍ସାସ୍‌ର ଗଭର୍ଣ୍ଣର ଗ୍ରେଗ୍ ଆବୋଟ୍ କେନ୍ଦ୍ରୀୟ ଟେକ୍‌ସାସର କେତେକ ଅଞ୍ଚଳ ପାଇଁ ବିପର୍ଯ୍ୟୟ ଘୋଷଣା କରିଛନ୍ତି । ସେଠାରେ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଜାରି ରହିଛି । କେର୍ କାଉଣ୍ଟିର କ୍ୟାମ୍ପ ମିଷ୍ଟିକ୍‌ରେ ୨୦ରୁ ଅଧିକ ବାଳିକା ନିଖୋଜ ଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ସେଠାରେ ଗତ ଗୁରୁବାର ରାତିରୁ ପ୍ରବଳ ବର୍ଷା ଆରମ୍ଭ ହୋଇଥିଲା । ସମଗ୍ର ଅଞ୍ଚଳରେ ପାଖାପାଖି ୮ ଇଞ୍ଚ୍ ବର୍ଷା ହୋଇଥିବା ଜଣାପଡ଼ିଛି । କେତେକ ଅଞ୍ଚଳରେ ୧୫ ଇଞ୍ଚ ପର୍ଯ୍ୟନ୍ତ ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଲଗାଣ ବର୍ଷା ଜନିତ ବନ୍ୟା ଭୟଙ୍କର ଓ ଆଶ୍ଚର୍ଯ୍ୟଜନକ ବୋଲି ବର୍ଣ୍ଣନା କରିଛନ୍ତି ।

ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ଏପର୍ଯ୍ୟନ୍ତ ୨୦୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି । ସେଥିମଧ୍ୟରୁ ୧୬୭ ଜଣ ଲୋକଙ୍କୁ ହେଲିକପ୍ଟର ଦ୍ୱାରା ଉଦ୍ଧାର କରାଯାଇଥିବା ସୂଚନା ମିଳିଛି । ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ଅଧିକ କର୍ମଚାରୀଙ୍କୁ ପଠାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଟେକ୍ସାସ୍‌ରେ ପାଳନ ହେବାକୁ ଥିବା ସ୍ୱାଧୀନତା ଦିବସ ଉତ୍ସବକୁ ବାତିଲ କରାଯାଇଛି ।

---

## ଏନ୍‌ଆଇଏ-ୟୁଏସ୍-ଟ୍ରାଫିକିଙ୍ଗ୍

ଭାରତରୁ ଆମେରିକା ଏବଂ ଅନ୍ୟାନ୍ୟ ଦେଶକୁ ବେଆଇନ ମାନବ ଚାଲାଣରେ ସଂପୃକ୍ତ ଅଭିଯୋଗରେ ଜାତୀୟ ତଦନ୍ତକାରୀ ସଂସ୍ଥା-ଏନ୍‌ଆଇଏ ଦୁଇଜଣଙ୍କୁ

ଗିରଫ କରିଛି । ହିମାଚଳପ୍ରଦେଶ ଏବଂ ଦିଲ୍ଲୀର ଦୁଇଟି ସ୍ଥାନରେ ତଲାସି ଅଭିଯାନ ପରେ ସେମାନଙ୍କୁ ଗିରଫ କରାଯାଇଛି । ଏନ୍‌ଆଇଏ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଡଙ୍କିରୁଟ୍ ଦେଇ ଲୋକଙ୍କୁ ବେଆଇନ ଭାବେ ଅନ୍ୟ ଦେଶକୁ ସ୍ଥାନାନ୍ତର କରିବାରେ ଏହି ଦୁଇଜଣଙ୍କ ମଧ୍ୟରୁ ଜଣେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିଲା । ଅନ୍ୟ ବ୍ୟକ୍ତି ଜଣକ ଏହି ବେଆଇନ୍ କାର୍ଯ୍ୟକଳାପରେ ଅର୍ଥ ହସ୍ତାନ୍ତର ନେଇ ସହଯୋଗ ପ୍ରଦାନ କରୁଥିବା ଜଣାପଡ଼ିଛି । ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ଗଗନ୍‌ଦୀପ ସିଂଙ୍କର ଏମାନେ ସହଯୋଗୀ ବୋଲି ଏନ୍‌ଆଇଏ କହିଛି ।

---

## କ୍ରିକେଟ୍ - ଇଣ୍ଡିଆ-ଇଂଲଣ୍ଡ ଟେଷ୍ଟ

ଆଣ୍ଡର୍ସନ-ତେନ୍ଦୁଲ୍‌କର ଟ୍ରଫିର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଆଜି ଚତୁର୍ଥ ଦିନରେ ଭାରତ ୧ ୱିକେଟ୍ ୬୪ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ । ଭାରତ ଦ୍ୱିତୀୟ ଇନିଙ୍ଗ୍‌ସରେ ଏପର୍ଯ୍ୟନ୍ତ ୨୪୪ ରନ୍ ଆଗୁଆ ରହିଛି । ଭାରତୀୟ ସମୟ ଅପରାହ୍ଣ ୩ଟା ୩୦ ମିନିଟ୍ ସମୟରେ ଖେଳ ଆରମ୍ଭ ହେବ । କେ.ଏଲ୍. ରାହୁଲ୍ ଏବଂ କରୁଣ ନାୟାର୍ କ୍ରିଜ୍‌ରେ ଅପରାଜିତ ଅଛନ୍ତି ।

ଇଂଲଣ୍ଡ ପ୍ରଥମ ଇନିଙ୍ଗ୍‌ସରେ ସମସ୍ତ ୱିକେଟ୍ ହରାଇ ୪୦୭ ରନ୍ ସଂଗ୍ରହ କରିଛି । ଭାରତ ପକ୍ଷରୁ ମହମ୍ମଦ ସିରାଜ ୬ଟି ଏବଂ ଆକାଶଦୀପ ୪ଟି ୱିକେଟ୍ ଅକ୍ତିଆର କରିଛନ୍ତି ।

ଇଂଲଣ୍ଡ ପକ୍ଷରୁ ଜେମି ସ୍ମିଥ୍ ୨୦୭ଟି ବଲ୍‌ରୁ ୧୮୪ ରନ୍ ଏବଂ ହାରି ବ୍ରୁକ୍ ୨୩୪ଟି ବଲ୍‌ରୁ ୧୫୮ ରନ୍ ସ୍କୋର୍ କରିଥିଲେ । ଭାରତ ପ୍ରଥମ ଇନିଙ୍ଗ୍‌ସରେ ୫୮୭ ରନ୍ ସ୍କୋର୍ କରିଛି । ୫ ମ୍ୟାଚ୍ ବିଶିଷ୍ଟ ଏହି ସିରଜ୍‌ରେ ଇଂଲଣ୍ଡ ୧-୦ରେ ଆଗରେ ରହିଛି ।

---